# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 July - 2024**

**News Editor : *Itishree Singh Rathaur***

---

## ଶ୍ରୀଜୀଉଙ୍କ ସୁନାବେଶ

ପୁରୀରେ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥିରେ ଆଜି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବଡ଼ତଡ଼ାଉ ବେଶ ବା ସୁନାବେଶ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୫ଟାରୁ ଶ୍ରୀଜୀଉମାନଙ୍କ ଦର୍ଶନ କରିପାରିବେ । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ  ଦର୍ଶନ ପାଇଁ ସେବାୟତମାନଙ୍କୁ ଶ୍ରୀଜୀଉମାନଙ୍କ ସମ୍ମୁଖରେ ନ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୯୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି ।

ଆସନ୍ତାକାଲି ଅଧରପଣା ନୀତି ଅନୁଷ୍ଠିତ ହେବ। ସେହିଭଳି ଶୁକ୍ରବାର ଦିନ ଠାକୁରଙ୍କର ନିଳାଦ୍ରୀବିଜେ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

---

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିଛନ୍ତି । ଏଥିରେ ମୁଖ୍ୟମନ୍ତ୍ରୀ ଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ କରି ସହରରେ

ଲୋକଙ୍କ ପାଇଁ ଆଧୁନିକ ବିକାଶର ସୁବିଧା ନିମନ୍ତେ ପରାମର୍ଶ ଦେଇଛନ୍ତି । ସେହିପରି ଭୁବନେଶ୍ୱର ଦୟା ୱେଷ୍ଟ କେନାଲ୍‌ର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ ପାଇଁ ଏକ ଉନ୍ନତ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ସହରରେ ବାୟୋ ମାଇନିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ କହିଥିବା ଜଣାପଡ଼ିଛି । ବୈଠକରେ ମେଟ୍ରୋ ରେଳ ପ୍ରକଳ୍ପର ଅଗ୍ରଗତି, କ୍ରୁଟ୍ ପରିବହନ ବ୍ୟବସ୍ଥା, ଜାଗା ମିଶନ ଆଦି ଉପରେ ଆଲୋଚନା ହୋଇଥିଲା ।

## ମୁଖ୍ୟ ଶାସନ ସଚିବଙ୍କ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗତକାଲି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟରେ ଆଗାମୀ ବଜେଟ୍ ଉପସ୍ଥାପନାର ରୂପରେଖ ନେଇ ଆଲୋଚନା ହୋଇଥିଲା । ଏହା ସହ ଆସନ୍ତା ୨୭ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗର ସାଧାରଣ ପରିଷଦ ବୈଠକ ଏବଂ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ଚତୁର୍ଥ ଜାତୀୟ ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ **ବିକଶିତ ଭାରତ-୨୦୪୭** ପରିପ୍ରେକ୍ଷୀରେ ରାଜ୍ୟର କାର୍ଯ୍ୟସୂଚୀ ସଂପର୍କରେ ଆଲୋଚନା ହୋଇଥିଲା । ବୈଠକରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି, କୃଷି, ଶିକ୍ଷା, ଜଳସେଚନ, ନିଯୁକ୍ତି ସୁଯୋଗ

ଆଦି ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ଶାସନ ସଚିବ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ଖାଦ୍ୟ ଯୋଗାଣ ମନ୍ତ୍ରୀ

ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟର ବିଭିନ୍ନ ତୈଳ ଓ ଗ୍ୟାସ ବିତରକଙ୍କ ସହ ଆଲୋଚନା କରି ଖାଉଟିମାନଙ୍କୁ ସଠିକ୍ ପରିମାଣ ଓ ଗୁଣାତ୍ମକ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ଗ୍ୟାସ ବୁକିଂର ୪୮ ଘଣ୍ଟା ମଧ୍ୟରେ ଖାଉଟିମାନଙ୍କ ନିକଟରେ ଗ୍ୟାସ ପହଞ୍ଚାଇବା ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ।  ଗ୍ୟାସର କଳାବଜାରୀ ଓ ତୈଳ ସାମଗ୍ରୀରେ ଅପମିଶ୍ରଣ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନିୟମିତ ଯାଞ୍ଚ ଜାରି ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭିନ୍ନ ବିତରକ ସଂସ୍ଥାଗୁଡ଼ିକର ସମସ୍ୟା ଓ ଖାଉଟିମାନଙ୍କର ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ଉପରେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ପରେ ମୁମ୍ବାଇରେ ପ୍ରାଣ ହରାଇଥିବା ବାଲେଶ୍ୱର ଜିଲ୍ଲା ଶାହାପୁର ଗ୍ରାମର ମୁରଲୀଧର ମହାକୁଡ଼ଙ୍କ ମରଶରୀରକୁ ଆମ୍ବୁଲାନସ୍ ଯୋଗେ ଓଡ଼ିଶା ଆଣିବା

ପାଇଁ ବ୍ୟବସ୍ଥା କରାଯାଇଛି । ଆଜି ତାଙ୍କ ମରଶରୀର ତାଙ୍କ ଗ୍ରାମରେ ପହଞ୍ଚିବ ବୋଲି ଜଣାପଡ଼ିଛି ।

## ଶିକ୍ଷା ସପ୍ତାହ

ଜାତୀୟ ଶିକ୍ଷାନୀତି-୨୦୨୦ର ଚତୁର୍ଥ ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆସନ୍ତା ୨୨ରୁ ୨୮ ତାରିଖ ମଧ୍ୟରେ **ଶିକ୍ଷା ସପ୍ତାହ** ପାଳନ କରାଯିବ । ଏ ନେଇ  କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି ।  ପ୍ରତ୍ୟେକ ଦିନକୁ ସ୍ୱତନ୍ତ୍ର ଦିନ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନକୁ ଚିଠି ଲେଖାଯାଇଛି ।

## ଜଳାତଙ୍କ କ୍ଲିନିକ୍

ରାଜ୍ୟର ସମସ୍ତ ଜିଲ୍ଲାରେ ଆଦର୍ଶ ଜଳାତଙ୍କ କ୍ଲିନିକ୍ ଖୋଲାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା ହସ୍ପିଟାଲ ସମେତ କ୍ୟାପିଟାଲ ହସ୍ପିଟାଲରେ ଜଳାତଙ୍କ କ୍ଲିନିକ୍ ଖୋଲାଯିବ । ଏହା ବ୍ୟତୀତ  ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଜଳାତଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା କରାଯିବ । କେନ୍ଦ୍ର ସରକାରଙ୍କ **ଓ୍ୱାନ୍ ହେଲ୍‌ଥ୍** ଯୋଜନା ଅନ୍ତର୍ଗତ ଜାତୀୟ ଜଳାତଙ୍କ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି ରୋଗର ନିରାକରଣ ଓ ପ୍ରତିଷେଧକମୂଳକ ବ୍ୟବସ୍ଥା ପାଇଁ ସମସ୍ତ ତଥ୍ୟ ଜନସ୍ୱାସ୍ଥ୍ୟ ବିଭାଗକୁ ପଠାଇବା ବାଧ୍ୟତାମୂଳକ କରାଯାଇଛି ।

# ମହରମ

ମୁସଲମାନ ସଂପ୍ରଦାୟର ମହାନ ପର୍ବ ମହରମ ଆଜି ସାରା ଦେଶରେ ପାଳିତ ହେଉଛି । ପ୍ରଫେଟ ମହମ୍ମଦଙ୍କ ନାତି ହଜରତ୍ ଇମାମ ହୁସେନଙ୍କର ବଳିଦାନକୁ ସ୍ମରଣ କରି ଏହି ଦିବସ ପାଳନ କରାଯାଉଛି ।

---

# ମେଧା ତାଲିକା

ରାଜ୍ୟରେ ଯୁକ୍ତ ତିନି ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଗତକାଲି ମେଧାତାଲିକା ପ୍ରକାଶ ପାଇଛି । ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁଯାୟୀ ତୃତୀୟ ପର୍ଯ୍ୟାୟରେ ୪୦ ହଜାର ୬୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ମେଧା ତାଲିକାରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ ୨୨ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ ।

---

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି । ଆସନ୍ତା ଶୁକ୍ରବାର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ,କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର

ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

---